# ଗୋଟିଏ ଦିନରେ ଉଦ୍ଧାର ହେଲେ ୧୦୦ ଶିଶୁ ଶ୍ରମିକ

## ଅନୁଗୁଳରେ ଅପରେସନ୍ 'ମୁସ୍କାନ୍'

ଅନୁଗୁଳ,୧୨।୭(ଇମିସ): ଅପରେସନ୍ 'ମୁସ୍କାନ୍'ର ଆଜି ଗୋଟିଏ ଦିନରେ ଅନୁଗୁଳ ଜିଲ୍ଲାରୁ ଏକ ଶହ ନାବାଳକ ଉଦ୍ଧାର ହୋଇଛନ୍ତି। ୧୧ଟି ଥାନା ଇଲାକାରେ ଢାବା, ହୋଟେଲ୍ ଆଦିରେ କାର୍ଯ୍ୟ କରୁଥିବା ଏବଂ ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନରେ ଭିକ୍ଷାବୃତ୍ତି କରୁଥିବା ଏହି ନାବାଳକମାନଙ୍କୁ ସ୍ଥାନୀୟ ପୁଲିସ ଉଦ୍ଧାର କରି ଜିଲ୍ଲା ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରିଥିଲା। ଚଳିତ ମାସ ୧ ତାରିଖଠାରୁ ରାଜ୍ୟବ୍ୟାପୀ ଅପରେସନ୍ 'ମୁସ୍କାନ୍' ଆରମ୍ଭ ହୋଇଥିବା ବେଳେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରୁ ୧୧୭ ଜଣ ନାବାଳକ ଉଦ୍ଧାର ହୋଇଛନ୍ତି। ଆଜି ତାଳଚେର ଥାନା ଇଲାକାରୁ ୧୪, ଅନୁଗୁଳରୁ ୧୮, ନିଶାରୁ ୭, ଖମାରରୁ ୧୨, ହଣ୍ଡପାରୁ ୬, ଜରପଡ଼ାରୁ ୩, କିଶୋରନଗରରୁ ୪, ତାଳଚେର କୋଲିୟରୀ ଥାନାରୁ ୧୨, ବଅଁରପାଳରୁ ୬, ଛେଣ୍ଡିପଦାରୁ ୬, ବନ୍ତଲା ଥାନା ଇଲାକାରୁ ୬ ଜଣ ଓ ଅନୁଗୁଳ 'ମୁସ୍କାନ୍' ଟିମ୍ ୬ ଜଣ ନାବାଳକଙ୍କୁ ଉଦ୍ଧାର କରିଥିଲା। ଉଦ୍ଧାର ସମସ୍ତ ନାବାଳକଙ୍କୁ ଜିଲ୍ଲା ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରାଯିବା ପରେ ୬୪ ଜଣଙ୍କୁ ଶିଶୁଗୃହ 'ଆଦୃତ' ଓ ବାଜିରାଉତ ଛାତ୍ରାବାସରେ ଥଇଥାନ କରାଯାଇଛି। ବାକି ୩୬ ଜଣଙ୍କୁ ବୁଝାସୁଝା କରି ସେମାନଙ୍କ ବାପା-ମା'ଙ୍କ ଜିମାରେ ଛାଡ଼ି ଦିଆଯାଇଥିବା ଶିଶୁ ମଙ୍ଗଳ କମିଟି ସଭ୍ୟ ଅନିଲ୍ ମିଶ୍ରଙ୍କଠାରୁ ପ୍ରକାଶ। ଅପରପକ୍ଷରେ ଏସ୍‌ପି ରାଜେଶ ପଣ୍ଡିତଙ୍କ ତତ୍ତ୍ୱାବଧାନରେ ଜିଲ୍ଲାରେ ଏହି ଅଭିଯାନ ଆଗକୁ ମଧ୍ୟ ଜାରି ରହିବ ବୋଲି ସୂଚନା ଦିଆଯାଇଛି। ଯେଉଁମାନେ ଶିଶୁମାନଙ୍କୁ ଶ୍ରମିକ ଭାବେ ନିୟୋଜିତ କରିଛନ୍ତି ସେମାନଙ୍କ ବିରୋଧରେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ଜିଲ୍ଲା ପୁଲିସ ପକ୍ଷରୁ କୁହାଯାଇଛି।